# RAF SECTOR

## NEWS CLIP

22/12/2023

SERVING HUMANITY WITH SENSITIVE POLICING

**Dainik Bhaskar, Ratlam, (MP)**

# रैपिड एक्शन फोर्स ने निकाला फ्लैग मार्च, क्षेत्र की जानकारी ली



रतलाम| रैपिड एक्शन फोर्स (आरएएफ) की बटालियन की एक प्लाटून ने सहायक कमांडेंट पंकज कुमार सिंह के नेतृत्व में रावटी में फ्लैग मार्च निकाला। इसके बाद परिचय अभ्यास किया गया। इसमें अधिकारियों सहित 42 सैनिक शामिल रहे। यह फोर्स दंगे या दंगे जैसी स्थितियों से निपटने के लिए काम करती है। फोर्स सभी जिलों में जाकर परिचय अभ्यास कर रही है ताकि आकस्मिक घटना होने पर उस क्षेत्र में तुरंत पहुंचा जा सकें। सहायक कमांडेंट सिंह ने बताया कि परिचय अभ्यास के दौरान रतलाम जिले की भौगोलिक, सामाजिक,धार्मिक, राजनीतिक आदि जानकारियां जुटाई गई है। सामुदायिक दृष्टि से संवेदनशील, अतिसंवेदनशील इलाकों तथा बलवाइयों, दंगाइयों की सूची तैयार की जा रही हैं ताकि भविष्य में किसी भी प्रकार का सांप्रदायिक तनाव या दंगे की स्थिति नहीं बनें। इस परिचय अभ्यास का उद्देश्य जिला प्रशासन व पुलिस प्रशासन के साथ सामंजस्य बनाकर हर परिस्थिति में काम करना भी है।


**Sambad, Jagatsinghpur, (Odisha)**

# ପ୍ରାକ୍ ନିର୍ବାଚନ ପ୍ରସ୍ତୁତି, ଅର୍ଦ୍ଧସାମରିକ ବାହିନୀର ଫ୍ଲାଗ୍‌ମାର୍ଚ୍ଚ





## ସାଇରନ୍ ବଜାଇ ବୁଲିଲା ଦଙ୍ଗା ନିୟନ୍ତ୍ରକ ଗାଡ଼ି 'ବଜ୍ର'




ରାପିଡ୍ ଆକ୍ସନ୍ ଫୋର୍ସର ଫ୍ଲାଗମାର୍ଚ୍ଚ ସହିତ ବୁଲିଥିଲା ଦଙ୍ଗା ନିୟନ୍ତ୍ରକ ଗାଡ଼ି 'ବଜ୍ର'। ଏହି ଗାଡ଼ିରେ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ମୋବାଇଲ୍ ନେଟୱର୍କକୁ ଘଟଣାସ୍ଥଳରେ ବନ୍ଦ କରିବା ପାଇଁ ଜାମର୍, ଉଚ୍ଚ ଶବ୍ଦକାରୀ ସାଇରନ୍, ୱାଟର୍ କେନନ୍, ଟିୟର୍ ଗ୍ୟାସ୍ ବ୍ୟବସ୍ଥା ରହିଛି। ଗାଡ଼ିକୁ ଚଳାଇବା ଲାଗି ସଶସ୍ତ୍ର ଯବାନ ମଧ୍ୟ ମୁତୟନ ରହିବେ। ଆଇନଶୃଙ୍ଖଳା, ଗଣ୍ଡଗୋଳ, ଦଙ୍ଗା ଭଳି ସ୍ଥିତିରେ ଏହି ଗାଡ଼ି ପହଞ୍ଚି ନିୟନ୍ତ୍ରଣ କରିବ।

ଜଗତସିଂହପୁର,୨୦/୧୨(ଇମିସ): ସମୟ ଅପରାହ୍ନ ପ୍ରାୟ ସାଢ଼େ ୪ଟା। ହାତରେ ଅତ୍ୟାଧୁନିକ ବନ୍ଧୁକ ଧରି ରାସ୍ତାରେ ଚାଲିଲେ ଯବାନ। ଲୋକ, ଦୋକାନୀ, ପଥଚାରୀ ହଠାତ୍ କେହି କିଛି ବୁଝିପାରିଲେ ନାହିଁ। ସାଙ୍ଗରେ ସାଇରନ୍ ବଜାଇ ଯାଉଥାଏ ଗାଡ଼ି। ଯେମିତି ଦଙ୍ଗା କିମ୍ବା କୌଣସି ଆଇନଶୃଙ୍ଖଳା ପରିସ୍ଥିତି ପରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥାଏ। ବୁଝୁ ବୁଝୁ ଜଣାପଡ଼ିଲା ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ଲାଗି ଅର୍ଦ୍ଧ ସାମରିକବାହିନୀ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଚାଲିଛି। ଆଜିଠାରୁ ଜଗତସିଂହପୁର ସହରରେ ସିଆର୍‌ପିଏଫ୍‌ର ରାପିଡ୍ ଆକ୍ସନ ଫୋର୍ସ ପକ୍ଷରୁ ୭ ଦିନିଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଜଗତସିଂହପୁର ପୁଲିସ୍ ସହ ମିଶି ଏହି ଫ୍ଲାଗମାର୍ଚ୍ଚ କରାଯାଇଛି।

୨୦୨୪ ସାଧାରଣ ନିର୍ବାଚନ ପାଇଁ ଏବେ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଜଗତସିଂହପୁରରେ ରାପିଡ୍ ଆକ୍ସନ୍ ଫୋର୍ସ ପହଞ୍ଚିଛନ୍ତି। ଆଜି ଠାରୁ ୭ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଯଦି କୌଣସି ଅପ୍ରୀତିକର ପରିସ୍ଥିତି ହେଲା ତା'ହେଲେ କେମିତି ତାହାର ମୁକାବିଲା କରାଯିବ? କେମିତି ଘଟଣାସ୍ଥଳରେ ସୁରକ୍ଷା ବାହିନୀ ପହଞ୍ଚି ପାରିବେ? ପରିସ୍ଥିତିକୁ କେମିତି ନିୟନ୍ତ୍ରଣ କରାଯିବ? ଏହାକୁ ନେଇ ଫ୍ଲାଗମାର୍ଚ୍ଚ କରାଯାଇଛି। ସେହିପରି ବିଭିନ୍ନ ଅଞ୍ଚଳ ବୁଲିବା ସହ ଲୋକଙ୍କୁ ମଧ୍ୟ ପ୍ରାକ୍ ସଚେତନତା ବାର୍ତ୍ତା ପ୍ରଦାନ

- **୭ ଦିନିଆ କାର୍ଯ୍ୟକ୍ରମ, ସ୍କୁଲ୍ ଓ କଲେଜ୍‌ରେ ସଚେତନ କରାଯିବ**
- **ଚାରାରୋପଣ, ମେଡିକାଲ୍ ସଫେଇ ହେବ**

କରାଯାଇଛି। ଅପରାହ୍ନରେ ଫ୍ଲାଗମାର୍ଚ୍ଚ ଥାନା ଛକରୁ ବାହାରି ଟାଉନ୍ ହଲ୍, ପାଣିଶାଳିଆ, ଜୟବଡ଼, କୋର୍ଟ ଛକ, ଓହଳ, ଲାଲାସାହି ଓ ଏହା ପରେ ମୁଖ୍ୟ ରାସ୍ତାରେ ପହଞ୍ଚିଥିଲା। କାର୍ଯ୍ୟକ୍ରମ ମଧ୍ୟରେ ସ୍କୁଲ୍ ଓ କଲେଜ୍‌ରେ ପିଲାଙ୍କୁ ନିର୍ବାଚନ ସମ୍ପର୍କରେ ସଚେତନ ସହ କ୍ରୀଡ଼ା ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ବିଭିନ୍ନ ଅନୁଷ୍ଠାନରେ ଚାରାରୋପଣ, ମେଡିକାଲରେ ଲୋକଙ୍କ ସହ ମିଶି ସଫେଇ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ଜଗତସିଂହପୁର ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ ସୂଚନା ଦେଇଛନ୍ତି।

**Prameya, Jagatsinghpur, (Odisha)**

# ଜଗତସିଂହପୁରରେ ଆର୍‌ପିଏଫ୍‌ର ଫ୍ଲାଗ୍‌ମାର୍ଚ୍ଚ



ଜଗତସିଂହପୁର,୨୦।୧୨(ଆପ୍ର): ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଆଜି ଜଗତସିଂହପୁର ପୌରାଞ୍ଚଳରେ ପୁଲିସ ଓ ରାପିଡ଼ ଆକ୍ସନ ଫୋର୍ସ(ଆରଏଏଫ)ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଅପରାହ୍ନରେ ସ୍ଥାନୀୟ ଥାନା ଛକରୁ ଫ୍ଲାଗ୍‌ମାର୍ଚ୍ଚ ଆରମ୍ଭ ହୋଇଥିଲା। ଜନ ସାଧାରଣ ଓ ପୁଲିସ ମଧ୍ୟ ସୁସ୍ଥ ବାତାବରଣର ହେତୁ ପ୍ରତିଷ୍ଠା ନେଇ ଏପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ଟାଟା ଜାମସେଦପୁରର ୧୦୬ ବାଟାଲିଅନ୍‌ର ୬୦ ଜଣ ଫୋର୍ସ ଓ ଏହାର ସହାକାରୀ କମାଣ୍ଡାଣ୍ଟ ଅଜିତ କୁମାରଙ୍କ ନେତୃତ୍ୱରେ ସହରରେ ଫ୍ଲାଗମାର୍ଚ୍ଚ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା।

ଜଗତସିଂହପୁର ଥାନାର ପୁଲିସ ଅଫିସର ଓ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ୬ ଦିନ ଧରି ଏହା ଜାରି ରହିବ। ଅପରପକ୍ଷେ ହଠାତ୍ ଏତେ ପରିମାଣର ପୁଲିସ ଫୋର୍ସ ସହରରେ ପହଁଚରା ମାରିବା ଦେଖି ଅମାନିଆ ଗାଡ଼ି ଚାଳକମାନେ ଛାନିଆ ହୋଇ ଛତ୍ରଭଙ୍ଗ ଦେଇଥିଲେ।

ଯାନ ବାହାନ ଚେକିଂ ଆରମ୍ଭ ହୋଇଥିବା ଭାବି ସହରର ଗଳି ରାସ୍ତାରେ ପେଁ ପାଁ କରି ଖସିବାକୁ ଚେଷ୍ଟା କରିଥିଲେ।

**Swadhikar, Jkendrapara, (Odisha)**

# ବେଟି ବଢ଼ାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା, ୨୦।୧୨(ସ୍ୱାଧିକାର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ପୋଲିସ ପ୍ରଶାସନ ଓ ରାପିଡ ଆକ୍ସନ ଫୋର୍ସ ମିଳିତ ଆନୁକୂଲ୍ୟରେ କେନ୍ଦ୍ରାପଡା ହାଇସ୍କୁଲ ରେ ବେଟି ବଢାଓ ବେଟି ପଢାଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୁଧବାର ସ୍କୁଲ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଡିଏସ୍‌ପି ଜ୍ୟୋତି ରଂଜନ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାପିଡ ଆକ୍ସନ ଫୋର୍ସ ର ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ପ୍ରବୀଣ କୁମାର, ଇନିସପେକ୍ଟର ଦୁର୍ଗା ନାର୍ଜ୍ଜାରିୟା, ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁ ଓ ସ୍କୁଲର ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ବର୍ତମାନ ସେନା ବାହିନୀ, ପୋଲିସ ପ୍ରଶାସନ, ରାପିଡ ଆକ୍ସନ ଫୋର୍ସ ପ୍ରଭୃତି ସଂସ୍ଥା ମାନଙ୍କରେ ବହୁ ସଂଖ୍ୟାରେ ବାଳିକା ମାନେ ଯୋଗ ଦେଉଥିବା ବେଳେ ସେମାନଙ୍କ ପାଇଁ ୩୦ ଭାଗ ପଦବୀ ସଂରକ୍ଷିତ ରହିଥିବା ପ୍ରକାଶ କରିଥିଲେ । ଏଥିପାଇଁ ଛାତ୍ରଛାତ୍ରୀ ମାନେ ଉପଯୁକ୍ତ ଶିକ୍ଷାଲାଭ କରିବା ସହ ଶାରୀରିକ ଦକ୍ଷତା, ଅନୁଶାସନ, ଉତମ ବ୍ୟବହାର ଆଦି ଗୁଣ ଗୁଡିକୁ ଶିକ୍ଷା ମାଧ୍ୟମରେ ନିଜ ଭିତରେ ବିକଶିତ କରାଇ ଯୋଗ୍ୟତା ଲାଭ କରିବା ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ । ରାପିଡ ଆକ୍ସନ ଫୋର୍ସର କାର୍ଯ୍ୟ ଦେଶର ଆଭ୍ୟନ୍ତରିଣ ହିଂସା ପ୍ରବଣ ଅଂଚଳ, ଦଙ୍ଗା ନିୟନ୍ତ୍ରଣ ଆଦି ଘଟଣା ମାନଙ୍କରେ ଅତି ଆବଶ୍ୟକ ସଂସ୍ଥା ଭାବେ କାର୍ଯ୍ୟକରି ଆସୁଛି । ଦଙ୍ଗା ନିୟନ୍ତ୍ରଣ କାର୍ଯ୍ୟରେ ବ୍ୟବହାର କରା ଯାଉଥିବା ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଓ ଯାନବାହନ "ବଜ୍ର" ଆଦିକୁ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦର୍ଶନ କରାଯାଇ ଥିଲା । ସ୍କୁଲର ଛାତ୍ରଛାତ୍ରୀ ମାନେ ଏ ସମ୍ବନ୍ଧରେ ଜାଣିବା ପାଇଁ ଉତ୍ସାହିତ ଥିବା ଲକ୍ଷ କରାଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ଏସ.ଆଇ ବୃନ୍ଦାବନ ବେହେରା, ଟାଉନ ଜମାଦାର କୈଳାସ ଚନ୍ଦ୍ର ପଣ୍ଡା, ନରେନ୍ଦ୍ର ନାଥ ସୋରେନ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

**सी0आर0पी0एफ0 सदा अजेय, भारत माता की जय।**